ସକାଳ THE SAKALA



ଝୁଝୁମୁରାରେ ନାହିଁ ଯୁକ୍ତ ୩ କଲେଜ

# ଯୁକ୍ତଦୁଇ ପରେ ପଢ଼ା ଛାଡୁଛନ୍ତି ଛାତ୍ରଛାତ୍ରୀ

**ସମ୍ବଲପୁର, ୧୪।୬ (ସମିସ)**



ପାଖରେ ଯୁକ୍ତ ତିନି କଲେଜ ନାହିଁ। ଅଞ୍ଚଳରୁ ଅନେକ ବିଦ୍ୟାର୍ଥୀ ଯୁକ୍ତ ଦୁଇ ପାସ୍ କରି ପାଠ ଛାଡୁଛନ୍ତି। ଏପରି ଘଟଣା ଝୁଝୁମୁରା ଅଞ୍ଚଳରରେ ଦେଖିବାକୁ ମିଳିଛି। ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଅନେକ ଦେଖାଣିଆ ଯୋଜନା କରୁଥିଲେ ମଧ୍ୟ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ମାଓ ପ୍ରବଣ ଝୁଝୁମୁରା ଅଞ୍ଚଳରେ ଗୋଟିଏ ହେଲେ ଯୁକ୍ତ ତିନ (+୩) କଲେଜ ନ ଥିବାରୁ ଏଠାକାର ଶତାଧିକ ମେଧାବୀ ପିଲା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଅଞ୍ଚଳରେ ଉଚ୍ଚଶିକ୍ଷାର ବିକାଶ ପ୍ରତି ସରକାର ସମ୍ପୂର୍ଣ୍ଣ ଅଣଦେଖା କରୁଥିବାରୁ ସ୍ଥାନୀୟ ଜନସାଧାରଣ ଓ ଆଞ୍ଚଳିକ ସଂଗଠନ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜି ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ କଲେଜ ପରିସରରେ ଆୟୋଜିତ ବୈଠକରେ ବୁଦ୍ଧିଜୀବୀ ଓ ଶିକ୍ଷା ପ୍ରେମୀମାନେ ଏଭଳି ଅଭିଯୋଗ ଆଣିଛନ୍ତି। ବୈଠକରେ ସୁରେଶ ପ୍ରଧାନ, ସ୍ଥାନୀୟ ସମିତିସଭ୍ୟ ଜୟନ୍ତ କୁମାର ପ୍ରଧାନ, ସାମାଜିକ କର୍ମୀ ଅରୁଣ ଦେହୁରୀ, ସାମାଜିକ କର୍ମୀ ଦୀପକ ବିଶ୍ୱାଳ, କିରଣ ବେହେରା, ବେଦ ପ୍ରକାଶ ବିଶ୍ୱାଳ, ଅଶ୍ୱିନୀ ଦେହୁରୀ, ଦିବ୍ୟ କିଶୋର ପ୍ରଧାନ, ରମେଶ ବିଶ୍ୱାଳ, ସୁଶ୍ରୀତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ପ୍ରତିବର୍ଷ ଝୁଝୁମୁରା ଅଞ୍ଚଳରୁ ଶତାଧିକ ଛାତ୍ରଛାତ୍ରୀ ଯୁକ୍ତ ଦୁଇ (+୨) ପାସ୍ କରି ବାହାରୁଛନ୍ତି। ଆର୍ଥିକ ସକ୍ଷମ ଥିବା ପରିବାର ପିଲାମାନେ ଉଚ୍ଚ ଶିକ୍ଷା ପାଇଁ ସହର କିମ୍ବା ଅନ୍ୟ ସ୍ଥାନକୁ ଚାଲି ଯାଉଛନ୍ତି। ଯେଉଁ ପରିବାର ସମ୍ବଳ ଅଭାବ ରହିଛି ସେମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଖପାଖରେ କୌଣସି ଯୁକ୍ତ ୩ କଲେଜ ନ ଥିବାରୁ ସେମାନଙ୍କ ଭବିଷ୍ୟତ ଏବେ ଅନ୍ଧାର ଆଡ଼କୁ ଗତି କରୁଛି। ଉଚ୍ଚ ଶିକ୍ଷା ଅନୁଷ୍ଠାନ ବହୁ ଦୂରରେ ଥିବାରୁ ଗରିବ ଶ୍ରେଣୀର ମେଧାବୀ ପିଲାମାନେ ବାଧ୍ୟ ହୋଇ ପାଠ ଅଧାରୁ ଛାଡୁଛନ୍ତି। ବିଶେଷ କରି ସୁରକ୍ଷା ଦୃଷ୍ଟିରୁ ଏବଂ କଲେଜ ବହୁ ଦୂରରେ ଥିବା କାରଣରୁ ଅଭିଭାବକମାନେ ସେମାନଙ୍କ ଝିଅମାନଙ୍କୁ ବାହାରକୁ ପଠାଇବାକୁ ସାହସ କରୁନାହାନ୍ତି। ଫଳରେ ଅନେକ ପ୍ରତିଭାବାନ ଛାତ୍ରୀଙ୍କ ପାଠପଢ଼ାରେ ଡୋରି ବନ୍ଧା ହେଉଛି। ଝୁଝୁମୁରାରେ ଯଦି ଏକ ଯୁକ୍ତ ୩ କଲେଜ ସ୍ଥାପନ କରାଯାଏ, ତେବେ କେବଳ ସ୍ଥାନୀୟ ବ୍ଲକ ନୁହେଁ ବରଂ ଏହାର ୧୧ଟି ପଞ୍ଚାୟତ ସମେତ ପଡ଼ୋଶୀ ବ୍ଲକର ଶତାଧିକ ଛାତ୍ରଛାତ୍ରୀ ମଧ୍ୟ ଉପକୃତ ହୋଇପାରନ୍ତେ। ତେଣୁ ରାଜ୍ୟ ସରକାର ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଝୁଝୁମୁରାରେ ଯୁକ୍ତ ୩ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଅନ୍ତୁ। ଯେପର୍ଯ୍ୟନ୍ତ ଏହି ନ୍ୟାଯ୍ୟ ଦାବି ପୂରଣ ହୋଇନାହିଁ, ସେପର୍ଯ୍ୟନ୍ତ ଆଞ୍ଚଳିକ ସଂଗଠନ ଓ ସ୍ଥାନୀୟ ଜନସାଧାରଣ ନିଜର ଆନ୍ଦୋଳନ ଓ ଲଢ଼େଇ ଜାରି ରଖିବେ।

## ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା ଦେଲା 'ବୁର୍ଲା ଏକତା ମଞ୍ଚ'



**ସମ୍ବଲପୁର, ୧୪। ୬(ସମିସ):** ଆର୍ଥିକ ଅଭାବ ଅନାଟନ ଯେମିତି ଜଣେ ମେଧାବୀ ଛାତ୍ରୀଙ୍କ ଉଚ୍ଚଶିକ୍ଷା ସ୍ୱପ୍ନ ଆଗରେ ପ୍ରତିବନ୍ଧକ ସାଜି ନପାରେ, ସେଥିପାଇଁ ସହଯୋଗର ହାତ ବଢ଼ାଇଛି ସାମାଜିକ ସଂଗଠନ 'ବୁର୍ଲା ଏକତା ମଞ୍ଚ'। ବୁର୍ଲା ସହରର ଜଣେ ଗରିବ ଦିନ ମଜୁରିଆ ପରିବାରର ଝିଅଙ୍କୁ ଉଚ୍ଚଶିକ୍ଷା ଜାରି ରଖିବା ପାଇଁ ମଞ୍ଚ ତରଫରୁ ନଗଦ ଅର୍ଥରାଶି ସହ ସମ୍ମାନିତ କରାଯାଇଛି। ସ୍ଥାନୀୟ ଡି.ଏଫ.ସି ଗେଷ୍ଟ ହାଉସ୍ ପରିସରରେ ରବିବାର ପୂର୍ବାହ୍ନ ୧୦ ଟାରେ ଏହି ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ବୁର୍ଲା ୱାର୍ଡ ନମ୍ବର-୭ ନିବାସୀ ବିନୋଦ ନାଗ ଏବଂ ବବି ନାଗଙ୍କ ଝିଅ ରାନୀ ନାଗ ପାଠପଢ଼ାରେ ବେଶ୍ ଆଗୁଆ ଥିଲେ ମଧ୍ୟ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ତାଙ୍କ ଉଚ୍ଚଶିକ୍ଷା ବନ୍ଦ ହେବା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ପରିବାର ଲୋକେ ବୁର୍ଲା ଏକତା ମଞ୍ଚର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ନାୟକଙ୍କୁ ଭେଟି ସାହାଯ୍ୟ ପାଇଁ ଅନୁରୋଧ କରିଥିଲେ। ମଞ୍ଚ ପକ୍ଷରୁ ସଙ୍ଗେ ସଙ୍ଗେ ଏହି ବିଷୟକୁ ଗୁରୁତ୍ୱର ସହ ନିଆଯାଇ ଛାତ୍ରୀଙ୍କ ପାଠପଢ଼ା ଖର୍ଚ୍ଚ ତୁଲାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୁର୍ଲା ଏକତା ମଞ୍ଚର ସଭାପତି ପ୍ରଦୀପ କୁମାର ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥିଭାବେ ଭୀମସାରର ପୂର୍ବତନ ଅଧ୍ୟକ୍ଷ ଡାକ୍ତର ବ୍ରଜମୋହନ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ନାୟକ, ନବ ରାଉତ, ଅଶୋକ ସାହୁଙ୍କ ସମେତ ପ୍ରଭାତ ପଟ୍ଟନାୟକ, ଶାନ୍ତି ସ୍ୱରୂପ ମହାପାତ୍ର, କୋଷାଧ୍ୟକ୍ଷ ମନରଞ୍ଜନ ପଟ୍ଟନାୟକ, ଗୌତମ ବେହେରା, ଦୀପ୍ତି ମଲିକ, ହିମାଂଶୁ ସାମଲ, ରୁନୁ ନାୟକ, ଗୀତା କଲେତ, ଲକ୍ଷ୍ମୀ ବେହେରା ଓ ଚୈତନ୍ୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୧୪।୬(ସମିସ):** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ରବିବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଭଜନ ସନ୍ଧ୍ୟାକୁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରର ପ୍ରତିଷ୍ଠିତ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। ଡ. ରାଜେନ୍ଦ୍ର କୁମାର ସିଂହ, ଶ୍ରୀନୁ ଦାସ, ପ୍ରଶାନ୍ତ କୁମାର ସାହୁ, ସୁସ୍ମିତା ବେହେରା, ଚେତନାମୟୀ ବେହେରା, ଅରୁଣ ରାଜହଂସ, ସୋମ ପାଢ଼ୀ, ସୁନନ୍ଦା ପାଣିଗ୍ରାହୀ, ଭାରତ ସାହୁ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଭାଗୀରଥ ସିଂହଦେଓ, ଦିବାକର ମହାନନ୍ଦ, କ୍ଷୀତିଶ୍ ବାଗ, କୃଷ୍ଣଚନ୍ଦ୍ର ବାଗ, କ୍ରିଷ୍ଣା କୁମ୍ଭାର ଓ ଅନୁରୋଧ ବାଗ ପ୍ରମୁଖ ସହଯୋଗ କରିଥିଲେ। ଦେବାଶିଷ ପାଢ଼ୀ ସଂଯୋଜନା ଓ ଅଞ୍ଜନ କୁମାର ପ୍ରଧାନ ପରିଚାଳନା କରିଥିଲେ। ଏହି ଅବସରରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ସନ୍ତୋଷ ପ୍ରୁସେଠ ଏବଂ ଡ. ଶ୍ୟାମସୁନ୍ଦର ଧର, ରଞ୍ଜନ କୁମାର ସାହୁ, ତ୍ରିଲୋଚନ ତ୍ରିପାଠୀ, ପ୍ରମୋଦ ମିଶ୍ର, ରତନଲାଲ ଶର୍ମା, ସୁଶୀଲ ଦାସ, ଶିବ ବାରିକ, ଦୀପାଳି ଚୌଧୁରୀ ଓ ହରିଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଭକ୍ତମାନେ କହିଥିଲେ ଯେ, ଏପରି ଭଜନ ସନ୍ଧ୍ୟା ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବା ସହ ଯୁବପିଢ଼ୀଙ୍କୁ ଭକ୍ତି ସଙ୍ଗୀତ ଓ ଆଧ୍ୟାତ୍ମିକତା ପ୍ରତି ଆକର୍ଷିତ କରିବ।



## କୁଆଖୋଲ ଗାଁରେ ଧୁମଧାମରେ ରଜ ପର୍ବ ପାଳିତ



**ରେଢ଼ାଖୋଲ, ୧୪।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲପୁର ପଲ୍ଲୀରେ କୁଆଁରୀ କନ୍ୟା ମାନଙ୍କ ପବିତ୍ର ରଜ ଗଣପର୍ବ ଧୁମଧାମରେ ପାଳିତ ହୋଇଯାଇଛି। ଏଥିରେ ଗରଗଡ଼ବାହାଲ ପଞ୍ଚାୟତ ଅଧୀନ ଉପାନ୍ତ ଅଞ୍ଚଳ କୁଆଖୋଲ ଗାଁରେ କମିଟିର ସଭାପତି ରମାକାନ୍ତ ଗଡ଼ନାୟକଙ୍କ ନେତୃତ୍ୱ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜୋନ୍ ୧ ଜିଲ୍ଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ଜୋନ୍ ୨ ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ପଦ୍ମଲୋଚନ ପ୍ରଧାନ, ବଡ଼ମାଳ ସରପଞ୍ଚ ତୁଙ୍ଗଭଦ୍ରା ବିଶ୍ୱାଳ, ସାମ୍ବାଦିକ ସୁଶାନ୍ତ ନାଗ, ତପନ କୁମାର ବିଶ୍ୱାଳ, ଷଡ଼ାନନ ପ୍ରଧାନ, ଯଶୋବନ୍ତ ସାହୁ, ସୁଧୀର ସୁନା, ମଦନ ବେହେରା ପ୍ରମୁଖ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲେ। ଗରଗଡ଼ବାହାଲ ପୂର୍ବତନ ସରପଞ୍ଚ ଦୀପ୍ତିବାଳା ଗଡ଼ନାୟକ, ସିଆରସି ସନ୍ତୋଷୀନି ପ୍ରଧାନ, ଅନୀଲ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କବିତା ସଂକଳନ 'ଝରକା ସେପାଖେ' ଉନ୍ମୋଚିତ



**ସମ୍ବଲପୁର, ୧୪।୬(ସମିସ):** ସ୍ଥାନୀୟ ଏକ ହୋଟେଲରେ ଶିକ୍ଷାବିତ ତଥା ସାହିତ୍ୟିକ ଡ. ଉତ୍ପଳା ଦାସ ଷଡ଼ଙ୍ଗୀଙ୍କର କବିତା ସଂକଳନ 'ଝରକା ସେପାଖେ' ରବିବାର ପୂର୍ବାହ୍ନରେ ଉନ୍ମୋଚିତ ହୋଇଛି। ଏହି ଅବସରରେ କବି ଅନନ୍ୟା ବେହେରାଙ୍କର ସଂଯୋଜନାରେ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣା, ସମ୍ମାନିତ ଅତିଥି ଭାବରେ ଡ. ପଦ୍ମାଳୟା ପଣ୍ଡା, ସମାଲୋଚକ ମୋହନ ସାହୁ ଓ ମୁଖ୍ୟବକ୍ତା ସାମ୍ବାଦିକ ତଫିଜୁଲ ହୁସେନ ପ୍ରମୁଖ ଯୋଗ ଦେଇଥିଲେ। ଶ୍ଳୋକ ଉଚ୍ଚାରଣ ସନତ ସାହୁ କରିଥିବାବେଳେ ଶିଶୁ ନୃତ୍ୟଶିଳ୍ପୀ ତନୁଶ୍ରୀ କର, ବୈଷ୍ଣବୀ ଦାସ, ଜ୍ୟୋତିର୍ମୟୀ ମହାରଣା ନୃତ୍ୟ ପରିବେଷଣ କରିଥିଲେ। ସୁଧାଂଶୁ ମୋହନ ପଟେଲ ସମଲେଶ୍ୱରୀ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଅତିଥି ମାନେ ଉନ୍ମୋଚିତ କବିତା ସଂକଳନ 'ଝରକା ସେପାଖେ' ଓ କବି ଡ଼. ଷଡ଼ଙ୍ଗୀଙ୍କର ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାରଣା କବିତା ଗୁଡିକର ସମାଜ ପ୍ରତି ବାର୍ତ୍ତା ବିଷୟରେ ଆଲୋଚନା କରିଥିଲେ। 'ଝରକା ସେପାଖେ'କୁ ସମୀକ୍ଷା କରିଥିଲେ ମୋହନ ସାହୁ। ଏହି କବିତା ପାଠୋତ୍ସବରେ ୫୦ରୁ ଊର୍ଦ୍ଧ୍ୱ କବି ନିଜସ୍ୱ କବିତା ଆବୃତି କରିଥିଲେ। ସମସ୍ତ କବିଙ୍କୁ 'ଝରକା ସେପାଖେ'ର ସ୍ରଷ୍ଟା କବି ଉତ୍ପଳା ଦାସ ଷଡ଼ଙ୍ଗୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଏମୟୁରେ ପ୍ରତିଷ୍ଠା ହେବ 'ନ୍ୟାନୋସାଇନ୍ସ ଓ ଏନର୍ଜି ଷ୍ଟୋରେଜ୍'

## ସେଣ୍ଟର ଅଫ୍ ଏକ୍ସଲେନ୍ସ ପାଇଁ ୩.୭୫ କୋଟି ଟଙ୍କା ମଞ୍ଜୁର

**ସମ୍ବଲପୁର, ୧୪। ୬(ସମିସ):** ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ପାଇଁ ଏକ ସଫଳତା। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି। ନ୍ୟାନୋସାଇନ୍ସ ଆଣ୍ଡ ଏନର୍ଜି ଷ୍ଟୋରେଜ୍ ଗବେଷଣା କେନ୍ଦ୍ର ପାଇଁ ସରକାର ୩.୭୫ କୋଟି ଟଙ୍କା ଅନୁଦାନ ଅନୁମୋଦନ କରିଛନ୍ତି। ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ଡିନ୍ ତଥା ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ଏହି ପ୍ରସ୍ତାବର ମୁଖ୍ୟ ରୂପରେଖ ପ୍ରସ୍ତୁତ କରିବା ସହ ଏହାର ନୋଡାଲ ଅଫିସର ଦାୟିତ୍ୱ ତୁଲାଉଛନ୍ତି। ଏହି ସିଓଇର ମୁଖ୍ୟ ଅନୁସନ୍ଧାନକାରୀ ଭାବେ ବିଶ୍ୱବିଦ୍ୟାଳୟର ଡ. ପ୍ରଣତୀ ପୁରୋହିତ(ପଦାର୍ଥ ବିଜ୍ଞାନ), ଡ. ଦେବାଶିଷ ବେହେରା (ରସାୟନ ବିଜ୍ଞାନ), ଡ. ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ (ପଦାର୍ଥ ବିଜ୍ଞାନ), ଡ. ସନ୍ତୋଷ କୁମାର ସେଠୀ (ବାୟୋଟେକ୍ନୋଲୋଜି), ଡ. ଜସବନ୍ତ ଶେଖର ହାଂସଦା (ପଦାର୍ଥ ବିଜ୍ଞାନ) ସାମିଲ ହୋଇଛନ୍ତି। ମୁଖ୍ୟତଃ ଗ୍ରୀନ୍ ସିନ୍ଥେସିସ୍ ଓ ଲେଜର ପ୍ରୋସେସିଂ ଉପାୟରେ ନ୍ୟାନୋମ୍ୟାଟେରିଆଲ୍ସର ବିକାଶ ଓ ଏହାର ଚରିତ୍ରୀକରଣ କରାଯିବ। କମ୍ ଖର୍ଚ୍ଚରେ ଅଧିକ କାର୍ଯ୍ୟକ୍ଷମ ସ୍ୱଚ୍ଛ ବ୍ୟାଟେରୀ ଏବଂ ସୁପରକାପାସିଟର ପ୍ରସ୍ତୁତି ହେବ। କେବଳ ଉଚ୍ଚକୋଟୀର ଗବେଷଣା ନୁହେଁ, ବରଂ ଏହି ସିଓଇ ମାଧ୍ୟମରେ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ଦକ୍ଷତା ଭିତ୍ତିକ ପ୍ରାକ୍ଟିକାଲ୍ ଟ୍ରେନିଂ ଦିଆଯିବ। ଏଥିପାଇଁ ବିଭିନ୍ନ ସ୍ୱଳ୍ପ ଓ ଦୀର୍ଘକାଳୀନ ପାଠ୍ୟକ୍ରମ ଆରମ୍ଭ କରାଯିବା ସହ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସେମିନାର ଏବଂ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମର ଆୟୋଜନ କରାଯିବ।

## 'ଅମୀର ଖୁସରୁ' ଫାଉଣ୍ଡେସନ ପକ୍ଷରୁ ସର୍ବଭାରତୀୟ କବି ସମ୍ମିଳନୀ

**ସମ୍ବଲପୁର, ୧୪। ୬(ସମିସ):** ସମ୍ବଲପୁରର 'ଅମୀର ଖୁସରୁ' ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ରବିବାର ଉର୍ଦ୍ଦୁ-ହିନ୍ଦୀ-ସମ୍ବଲପୁରୀ ଭାଷାର ଜାତୀୟକବି ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନାସିର ଫରାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ସିଦ୍ଧାର୍ଥ ଦାସ, ସମ୍ମାନିତ ଅତିଥି ଭାବରେ ଲଖନୌର ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଜାଲାଲ ସିଦ୍ଦିକି ଓ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଚିବ ସୟଦ ରବବାନୀ ସାମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କ୍ରିଷ୍ଣା ପଟେଲ ଉପସ୍ଥିତ ଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ଆବାହକ ସୂର୍ଯ୍ୟ ପାଣିଗ୍ରାହୀ ଫାଉଣ୍ଡେସନ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମହମ୍ମଦ ପରଭେଜ ଅଲ୍ଲୀଖାନ ଫାଉଣ୍ଡେସନର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ରାଉରକେଲାର ଉର୍ଦ୍ଦୁ / ହିନ୍ଦୀ କବି ଡ଼. କ୍ରିଷ୍ଣା କୁମାର ପ୍ରଜାପତି, ଝାରସୁଗୁଡାର ଉର୍ଦ୍ଦୁ କବି ମଇନୁଦ୍ଦିନ ଜଖମି, ସମ୍ବଲପୁରର ଉର୍ଦ୍ଦୁ କବି ଅଲତାଫ ହୁସେନ ହସରତ ଓ ଭେଡେନ, ବରଗଡ଼ର ସମ୍ବଲପୁରୀ କବି ଉତ୍ପନ୍ନ ଭୋଇଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଓଡ଼ିଶା ଉର୍ଦ୍ଦୁ ଏକାଡେମୀକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ନାଗପୁରର ଉର୍ଦ୍ଦୁ ସାୟର ଇମ୍ରାନ ଫୈଜ ସଂଯୋଜନା କରିଥିଲେ। ହୁକୁମ ସିଂ କୋଠରୀ, ଡ଼. ଜଲିଉଲ ରେହେମାନ, ଡ଼. ଜାହିର ନୟର, ମୈକଶ ଆଜିମୀ, ମୁମତାଜ ଶୋଉର, ଚାନ୍ଦ ସୋନୀ, ଅରୁଣା ଚୌହାନ, ଶବାନା ଶବା, ଅଜୟ ଆଲାମ ପଣ୍ଡା, ଅମୀର ଖୁସରୁ ଫାଉଣ୍ଡେସନର ସଭାପତି ନାସିର ଫରାଜ ଓ ସମ୍ମାନିତ ସମ୍ବଲପୁରୀ କବି ଉତ୍ପନ୍ନ ଭୋଇ ଭିନ୍ନ ଭିନ୍ନ ସ୍ୱାଦର କବିତା ପରିବେଷଣ କରିଥିଲେ। ତ୍ରିଲୋଚନ ତ୍ରିପାଠୀ, ଜୟ କୃଷ୍ଣ ବେହେରା, ତାଫିଜୁଲ ହୁସେନ, ଅକମଲ ଖାନ, ମୋମିନା ଖାତୁନ, ପଙ୍କଜିନୀ ନାୟକ, ମହମ୍ମଦ ଜୱାବେଦ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ମହମ୍ମଦ ପରୱେଜ ଅଲ୍ଲୀ ଖାନ ଧନ୍ୟବାଦ ଦେଇଥିଲେ।




## ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୧୪।୬(ସମିସ):** ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ପରବର୍ତ୍ତୀ ସମୟରେ ଗର୍ଭବତୀ କରି ଧମକ ଚମକ ଦେବା ଅଭିଯୋଗରେ ବୁର୍ଲା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅଧୀନ ଗୋଡ଼ଭଗାର ମାଉଲିଭାଗ ଗ୍ରାମର ଅଶୋକ ଭୁଏ (୩୨)। ସୂଚନା ଅନୁଯାୟୀ, ଅଭିଯୁକ୍ତ ପୀଡ଼ିତାଙ୍କ ସହ ଗତ ୨ ବର୍ଷ ହେବ ପ୍ରେମ ସମ୍ପର୍କ ରଖିଥିଲା। ବିବାହର ପ୍ରଲୋଭନ ଦେଖାଇ ସେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲା। ଯୁବତୀ ଜଣକ ବାରମ୍ବାର ବିବାହ ପାଇଁ କହିଥିଲେ ମଧ୍ୟ ଅଶୋକ ଏହାକୁ ଏଡ଼ାଇ ଯାଉଥିଲେ। ଏହି ସମୟ ମଧ୍ୟରେ ଯୁବତୀ ଜଣକ ୩ ମାସର ଗର୍ଭବତୀ ହୋଇପଡ଼ିଥିଲେ। ଗର୍ଭବତୀ ହେବାପରେ ଯୁବତୀ ଜଣକ ପୁନର୍ବାର ବିବାହ ପାଇଁ ଅଶୋକଙ୍କୁ ଅନୁରୋଧ କରିଥିଲେ। ମାତ୍ର ଅଶୋକ ବିବାହ କରିବାକୁ ସାଫ୍ ମନା କରିବା ସହ ତାଙ୍କୁ ଗାଳିଗୁଲଜ କରିଥିଲେ ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ପୀଡ଼ିତା ଜଣକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୁର୍ଲା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



## ସମାଜସେବୀଙ୍କ ବିୟୋଗରେ ଶୋକସଭା



**ସମ୍ବଲପୁର, ୧୪।୬(ସମିସ):** ସମାଜସେବୀ ଡ. ଚକ୍ରଧର ଧରଙ୍କ ବିୟୋଗରେ ଆଜି ସମ୍ବଲପୁର ବିଚାର ମଞ୍ଚ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ବିଚାର ମଞ୍ଚର ଆବାହକ ବେଣୁଧର ଦାଶଙ୍କ ସଭାପତିତ୍ୱରେ ସ୍ଥାନୀୟ ପୁରୁଣା ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଗୁପ୍ତେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମଞ୍ଚର ଯୁଗ୍ମ ଆବାହକ ଦୁର୍ଗା ମାଧବ ମିଶ୍ର, ଅର୍ଣ୍ଣପୂର୍ଣ୍ଣା ବାରିକ, ସୁବାସ ମିଶ୍ର, ବୀରେନ୍ଦ୍ର ରାୟ, ସବିତା ମିଶ୍ର, ଦିଲୀପ କୁଅଁର, ଶାକୁନ୍ତଳା ମହାପାତ୍ର, ସୁକେଶ ସିଂହ, ରଜନୀକାନ୍ତ ଦାଶ, ସୁବାସ ନନ୍ଦ, ସଞ୍ଜୀବ ବେହେରା, ସଞ୍ଜୟ ବର୍ମା, ଦେବାଶିଷ ପୁରୋହିତ, ଅରୁଣ ଦାସ, ସୌରଭ ମହାପାତ୍ର, କିଶୋର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଡ. ଧରଙ୍କ ୧୯୮୦ ମସିହାରେ ବାମପନ୍ଥୀ ବିଚାର ଧାରାରେ ଅନୁପ୍ରାଣିତ ହୋଇ ଛାତ୍ର ଆନ୍ଦୋଳନ ଏବଂ ହୋମିଓପାଥି କଲେଜକୁ ସରକାର ହାତକୁ ନେବା ଦାବିରେ ହୋଇଥିବା ଆନ୍ଦୋଳନ ବ୍ୟତୀତ ବିଭିନ୍ନ ସାମାଜିକ ସେବା ମୂଳକ କାର୍ଯ୍ୟରେ ତାଙ୍କର ଯୋଗଦାନ ସ୍ମୃତି ଚାରଣ କରାଯାଇଥିଲା।

ପ୍ରତିଶ୍ରୁତି ଭୁଲିଗଲେ ସରକାର

## ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କ ସହ ଧୋକା ହୋଇଛି: ରୋହିତ

**ସମ୍ବଲପୁର, ୧୪।୬(ସମିସ)**

ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ସାଧାରଣ ଲୋକଙ୍କ ଆଶା ଥିଲା ଯେ ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକ ପୂରଣ ହେବ। କିନ୍ତୁ ଦୁଃଖର ବିଷୟ, ଆଜି ରାଜ୍ୟର ହଜାର ହଜାର ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଓ ଅସହାୟ ହିତାଧିକାରୀ ଗତ ତିନି ମାସ ଧରି ଏନ୍‌ଏସ୍‌ଏପି (ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ) ଅଧୀନରେ ତାଙ୍କର ପ୍ରାପ୍ୟ ଭତ୍ତା ପାଇନାହାନ୍ତି। ଯେଉଁ ଭତ୍ତା ସେମାନଙ୍କ ପାଇଁ ଔଷଧ, ଖାଦ୍ୟ ଓ ଦୈନନ୍ଦିନ ଜୀବନ ଚଳାଇବାର ଏକମାତ୍ର ଆଧାର, ସେହି ଭତ୍ତା ବନ୍ଦ ହୋଇଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଚିନ୍ତାଜନକ ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ନିର୍ବାଚନ ସମୟରେ ବିଜେପି ନେତାମାନେ ଗାଁ ଗାଁ ବୁଲି ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗମାନଙ୍କୁ ମାସିକ ୩, ୦୦୦ ଟଙ୍କା ପେନ୍‌ସନ୍ ଦେବାର ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ଦେଖାଇ ଭୋଟ ମାଗିଥିଲେ ଏବଂ ଲୋକଙ୍କ ସମର୍ଥନ ପାଇ ସତ୍ତାକୁ ଆସିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଯେଉଁ ଭତ୍ତା ମିଳୁଥିଲା ତାହା ମଧ୍ୟ ଅନେକ ହିତାଧିକାରୀଙ୍କ ନିକଟରେ ପହଞ୍ଚୁନାହିଁ। ସେ କହିଛନ୍ତି ଯେଉଁ ସରକାର ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଛି, ସେହି ସରକାର ଆଜି ଗରିବ ଓ ଅସହାୟ ଲୋକଙ୍କ ଅଧିକାରକୁ ଅବହେଳା କରୁଛି। ଏହା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ସମାଜର ସବୁଠାରୁ ଦୁର୍ବଳ ବର୍ଗ ପ୍ରତି ଏକ ଅମାନବୀୟ ମନୋଭାବର ପ୍ରତିଫଳନ। ବିଜେପି ସରକାର ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହାର ଜବାବ ଆଜି ଓଡ଼ିଶାର ଲୋକ ଚାହୁଁଛନ୍ତି। ସମସ୍ତ ହିତାଧିକାରୀଙ୍କୁ ୩, ୦୦୦ ଟଙ୍କା ପେନ୍‌ସନ୍ କେବେ ଲାଗୁ ହେବ, ଗତ ତିନି ମାସ ଧରି ଭତ୍ତା କାହିଁକି ବନ୍ଦ ରହିଛି, ଏହାର ଉତ୍ତର ରାଜ୍ୟ ସରକାରଙ୍କୁ ଦେବାକୁ ପଡ଼ିବ। ରାଜ୍ୟ ସରକାର ତୁରନ୍ତ ସମସ୍ତ ବକେୟା ଭତ୍ତା ହିତାଧିକାରୀଙ୍କ ଖାତାକୁ ପ୍ରଦାନ କରନ୍ତୁ, ଭତ୍ତା ବଣ୍ଟନରେ ହୋଇଥିବା ବିଳମ୍ବର କାରଣ ସାର୍ବଜନୀନ କରନ୍ତୁ ଏବଂ ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ମାସିକ ୩, ୦୦୦ ଟଙ୍କା ପେନ୍‌ସନ୍ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ନଚେତ୍ ସମ୍ବଲପୁରର ବିଶ୍ୱପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପରେ ଜନସାଧାରଣଙ୍କ ସ୍ୱାର୍ଥରେ ଏହି ପ୍ରସଙ୍ଗକୁ ନେଇ ଜୋରଦାର ଆନ୍ଦୋଳନ କରାଯିବ।

■ ମାରୱାଡି ମହିଳା ସମ୍ମିଳନୀର ଅନନ୍ୟ ସଫଳତା

# ୭ ଜଣଙ୍କ ଚକ୍ଷୁଦାନ, ୨ ଜଣଙ୍କ ଶରୀରଦାନ ପ୍ରତିଶ୍ରୁତି

**ବରଗଡ଼, ୧୪।୬(ସମିସ):** ବିଶ୍ୱ ଚକ୍ଷୁ ଦାନ ଦିବସ ଅବସରରେ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀ, ବରଗଡ଼ ଶାଖା ପକ୍ଷରୁ ଚକ୍ଷୁଦାନ ଓ ଶରୀରଦାନ କ୍ଷେତ୍ରରେ କରାଯାଇଥିବା ଉଲ୍ଲେଖନୀୟ ସେବାକାର୍ଯ୍ୟ ସାମାଜିକ ମହଲରେ ପ୍ରଶଂସା ସାଉଁଟିଛି। ଶାଖା ପକ୍ଷରୁ ଗତ ଏପ୍ରିଲରୁ ଜୁନ୍ ମଧ୍ୟରେ ୭ ଜଣଙ୍କ ସଫଳ ଚକ୍ଷୁଦାନ ସମ୍ପନ୍ନ ହୋଇଥିବା ବେଳେ ଦୁଇ ଜଣ ଶରୀର ଦାନ ପାଇଁ ପ୍ରତିଶ୍ରୁତି ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। ଚକ୍ଷୁଦାନ ଆନ୍ଦୋଳନର ପ୍ରବର୍ତ୍ତକ ସ୍ୱର୍ଗତ ଡାକ୍ତର ରାମଚନ୍ଦ୍ର ଲକ୍ଷ୍ମଣ ଭାଲଚନ୍ଦ୍ରଙ୍କ ସ୍ମୃତିରେ ପ୍ରତିବର୍ଷ ଜୁନ୍ ୧୦କୁ ବିଶ୍ୱ ଚକ୍ଷୁ ଦାନ ଦିବସ ଭାବେ ପାଳନ କରାଯାଏ।

ଜାତୀୟ ସ୍ତରରେ ଚକ୍ଷୁଦାନ ସମ୍ପର୍କିତ ସଚେତନତା ସୃଷ୍ଟି ଓ ଲୋକଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀ ନିରନ୍ତର କାର୍ଯ୍ୟ କରୁଛି। ବରଗଡ଼ ଶାଖାର ସଭାପତି ନୀଲମ ପଟୱାରି ଏବଂ ଚକ୍ଷୁ ଓ ଶରୀରଦାନ ବିଭାଗର ମୁଖ୍ୟ ଅଞ୍ଜୁ ମିତ୍ତଲଙ୍କ ନେତୃତ୍ୱରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। କମିଟିର ସଦସ୍ୟମାନଙ୍କ ନିରନ୍ତର ପ୍ରୟାସ ଏବଂ ଦାନକାରୀଙ୍କ ପରିବାରର ସହଯୋଗରେ ଅଞ୍ଚଳରେ ୭ ଜଣଙ୍କ ଚକ୍ଷୁଦାନ ସମ୍ପନ୍ନ ହୋଇଛି। ଏହାଦ୍ୱାରା ଅନେକ ଦୃଷ୍ଟିହୀନ ନୂଆ ଆଲୋକ ପାଇବେ ବୋଲି ସମ୍ମିଳନୀ ପକ୍ଷରୁ କୁହାଯାଇଛି। ଏହାସହ ଉର୍ଦ୍ଧୁନା ଗ୍ରାମର ରବୀନ୍ଦ୍ର ମହାପାତ୍ର ଓ ତାଙ୍କ ପତ୍ନୀ ଜୟଶ୍ରୀ ମହାପାତ୍ର ନିଜ ବିବାହ ବାର୍ଷିକୀ ଅବସରରେ ଭିମ୍ସାର ମେଡିକାଲ କଲେଜକୁ ଶରୀରଦାନ ପାଇଁ ସଙ୍କଳ୍ପ ଗ୍ରହଣ କରିଛନ୍ତି।

## ରଜ ପରେ ଖୋଲିବ ସ୍କୁଲ୍; ନାହିଁ ଆବଶ୍ୟକ ଶ୍ରେଣୀଗୃହ

# ଅସ୍ଥାୟୀ କୁଡ଼ିଆ ନିର୍ମାଣ କରୁଛନ୍ତି ଗ୍ରାମବାସୀ

**ପାଇକମାଲ, ୧୪।୬(ସମିସ)**

ପାଇକମାଲ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ପଞ୍ଚାୟତର ଭୂତମୁଣ୍ଡା ଗାଁ ଦର୍ଲିପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ସମସ୍ୟା ଦିନକୁ ଦିନ ଗମ୍ଭୀର ରୂପ ନେଉଛି। ବିଦ୍ୟାଳୟ ପାଇଁ ନୂତନ କୋଠା ନିର୍ମାଣ ଅନୁମୋଦନ ହୋଇଥିଲେ ମଧ୍ୟ ଦୀର୍ଘ ଦୁଇ ବର୍ଷ ଧରି କାମ ଆରମ୍ଭ ହୋଇନଥିବାରୁ ଛାତ୍ରଛାତ୍ରୀମାନେ ଗ୍ରାମବାସୀମାନେ ନିଜସ୍ୱ ଉଦ୍ୟମରେ ଏକ ଚାଳ ଛପର ଅସ୍ଥାୟୀ କୁଡ଼ିଆ ନିର୍ମାଣ କରିଛନ୍ତି। ତେବେ ଏହା କେବଳ ସାମୟିକ ବ୍ୟବସ୍ଥା ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଅଭିଭାବକମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ମଧ୍ୟରେ ରଖାଯାଉଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସେହିପରି ବିଦ୍ୟାଳୟରେ ରୋଷେଇ ଘର ନଥିବାରୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କାର୍ଯ୍ୟ ବାରଣ୍ଡାରେ କରାଯାଉଛି। ବର୍ଷା ଦିନରେ ଏହା ବହୁ ସମସ୍ୟା ସୃଷ୍ଟି କରୁଛି। ଅନ୍ୟପଟେ ଥର ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଚାଳ ଛପର ଅସ୍ଥାୟୀ କୁଡ଼ିଆରେ ପାଠପଢ଼ା ଛାତ୍ରଛାତ୍ରୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ଶିକ୍ଷା ବିଭାଗ ଓ

### ପ୍ରଶାସନର ହସ୍ତକ୍ଷେପ ଦାବି

### ୨ବର୍ଷ ହେଲା ଟେଣ୍ଡର ସରିଛି; କାମ ଆରମ୍ଭ ହେଉନି






୩ ବର୍ଷ ଧରି ଅସ୍ଥାୟୀ ଚାଳ ଛପର କୁଡ଼ିଆ ଘରେ ପାଠ ପଢ଼ିବାକୁ ବାଧ ହେଉଛନ୍ତି। ଆଗାମୀ ଦିନରେ ସ୍ଥାୟୀ ବ୍ୟବସ୍ଥା ନ ହେଲେ ବିଦ୍ୟାଳୟର ସମସ୍ତ ପାଠପଢ଼ା ଏହି ଅସ୍ଥାୟୀ ଘର ଉପରେ ନିର୍ଭର କରିବାର ଆଶଙ୍କା ଦେଖାଦେଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଦ୍ୟାଳୟରେ ଶ୍ରେଣୀକକ୍ଷର ଅଭାବ ଦୀର୍ଘଦିନ ଧରି ଲାଗି ରହିଛି। ଆଗାମୀ ଶିକ୍ଷାବର୍ଷରେ ପାଠପଢ଼ା ବାଧାପ୍ରାପ୍ତ ନ ହେବା ପାଇଁ

ସୂଚନା ଅନୁସାରେ, ଭୂତମୁଣ୍ଡା ଗାଁ ଦର୍ଲିପଡ଼ା ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ମାତ୍ର ଦୁଇଟି ଶ୍ରେଣୀକକ୍ଷ ରହିଛି। ଫଳରେ ସମସ୍ତ ଶ୍ରେଣୀର ପାଠପଢ଼ା ସୁଚାରୁ ଭାବେ ପରିଚାଳନା କରିବା କଷ୍ଟସାଧ ହୋଇପଡ଼ିଛି। ବିଦ୍ୟାଳୟରେ ସ୍ୱତନ୍ତ୍ର ଅଫିସ କକ୍ଷ ନଥିବାରୁ ସମସ୍ତ କାଗଜପତ୍ର, ଆଲମାରୀ ଓ ଅନ୍ୟାନ୍ୟ ସାମଗ୍ରୀ ଶ୍ରେଣୀକକ୍ଷ ବିଦ୍ୟାଳୟର ପୁରୁଣା କୋଠାର ଛାତ ଜରାଜୀର୍ଣ୍ଣ ହୋଇପଡ଼ିଥିବାରୁ ବର୍ଷା ହେଲେ ଅତଡ଼ା ଖସିବାର ଆଶଙ୍କା ରହିଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନୂତନ କୋଠା ନିର୍ମାଣ ପାଇଁ ପ୍ରାୟ ଦୁଇ ବର୍ଷ ପୂର୍ବରୁ ୧୮ ଲକ୍ଷ ଟଙ୍କାର ଟେଣ୍ଡର ପ୍ରକ୍ରିୟା ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ଏନେଇ ସେମାନେ ବ୍ଲକ ପ୍ରଶାସନ ତଥା ବିଡିଓଙ୍କୁ ଏକାଧିକ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ନୂତନ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସହ ବିଦ୍ୟାଳୟରେ ଅଫିସ କକ୍ଷ, ରୋଷେଇ ଘର ଓ ସୁରକ୍ଷିତ ପାଠପଢ଼ା ପରିବେଶ ସୁନିଶ୍ଚିତ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏହି ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷା ଉଭୟ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି।

# ଚାଷୀଙ୍କ ଧାନଖଳା ପାଲଟିଛି ଠିକାଦାରଙ୍କ ଖୋଲା ଷ୍ଟୋର୍‌ରୁମ୍

**ବରଗଡ଼, ୧୪।୬(ସମିସ):** ଚାଷୀଙ୍କ ଉନ୍ନତି ପାଇଁ ବିଗତ ନବୀନ ପଟ୍ଟନାୟକ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ସବ୍‌ସିଡି ମାଧ୍ୟମରେ ଗଭୀର ନଳକୂପ ଖନନ, ଉନ୍ନତ ମାନର ବିହନ, ସାର ଇତ୍ୟାଦି ଯୋଗାଇ ଦେଉଥିବା ସଙ୍ଗେସଙ୍ଗେ ପ୍ରତ୍ୟେକ ଗାଁରେ ପ୍ରାୟ ୮ ଲକ୍ଷ ଟଙ୍କା ବ୍ୟୟରେ ଧାନଖଳା ନିର୍ମାଣ କରିଥିଲେ। ସେହି କ୍ରମରେ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଗାଁରେ ମଧ୍ୟ ଏକ ଧାନଖଳା ନିର୍ମାଣ ହୋଇଛି। କିନ୍ତୁ



ଏବେ ପ୍ରଶ୍ନ ଉଠୁଛି ଯେ ଏହି ଧାନଖଳା କାହା ପାଇଁ ନିର୍ମାଣ ହୋଇଥିଲା। ଚାଷୀଙ୍କ ପାଇଁ ନାଁ ଠିକାଦାରଙ୍କ ପାଇଁ। କାରଣ ଏହି ଖଳା ଏବେ ଠିକାଦାରଙ୍କ କବ୍‌ଜାରେ। ୪ମାସ ହେବ ଗୁଦେରପାଲି କଲେଜ ଛକରେ ଏକ ଆରୋଗ୍ୟ ମନ୍ଦିର ନିର୍ମାଣ ଚାଲିଛି। ସେହି ଠିକାକାମରେ ବ୍ୟବହୃତ ପ୍ରତ୍ୟେକଟି ସାମଗ୍ରୀ ଯଥା ବାଲି, ଗେଟିପଥର, ରଡ, ଇଟା ଏସବୁ ଜିନିଷ ଠିକାଦାର ସେହି ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଧାନଖଳାରେ ଗଦା କରି ରଖିଛନ୍ତି। ଯାହା ଫଳରେ ଚାଷୀମାନେ ନିଜ ଉପାର୍ଜିତ ଧାନ ଗୁଡିକୁ ଧାନଖଳାରେ ନ ରଖି ରାଜରାସ୍ତା ଉପରେ ଶୁଖାଉଛନ୍ତି। ଫଳରେ ଛୋଟମୋଟ ଦୁର୍ଘଟଣାମାନ ମଧ୍ୟ ଘଟୁଛି। ବିଭାଗୀୟ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

**୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରିଥିଲେ ପୂର୍ବ ସରକାର**

**ବାଲି, ଗୋଡ଼ି, ରଡ଼ ଗଦା କରି ରଖିଛନ୍ତି ଠିକାଦାର**

# ବିଶ୍ୱ ରକ୍ତଦାତା ଦିବସରେ ସଂକଳ୍ପ ପରିବାର ସମ୍ବର୍ଦ୍ଧିତ

**ବରଗଡ଼, ୧୪।୬(ସମିସ):** 'ବିଶ୍ୱ ରକ୍ତଦାତା ଦିବସ' ଅବସରରେ ସଂକଳ୍ପ ପରିବାରକୁ ସମାଜସେବା ତଥା ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ନିରନ୍ତର ଏବଂ ଉଲ୍ଲେଖନୀୟ ଅବଦାନ ପାଇଁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଓଡ଼ିଶା ବ୍ଲଡ୍ ସେଣ୍ଟର ତରଫରୁ ସମ୍ମାନୀତ କରାଯାଇଛି। ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଆଜି ବରଗଡ଼ ଠାରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭାରେ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ସମାଜର କଲ୍ୟାଣ ନିମନ୍ତେ ନିଜେ ନିୟମିତ ରକ୍ତଦାନ କରିବା ଓ ଅନ୍ୟର ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ଏକତ୍ରିତ ହୋଇ ଶପଥ ପାଠ କରିଥିଲେ। ଆସନ୍ତୁ ସମସ୍ତେ ରକ୍ତ ଦେବା ଓ ରକ୍ତ ଅଭାବକୁ ଦୂର କରିବା ବୋଲି ସଂକଳ୍ପ ପରିବାର ମୁଖ୍ୟ ବିକାଶ ଅଗ୍ରୱାଲ କହିଛନ୍ତି।




# ନିଷ୍ଠା ପରିବାରର ପ୍ରତିଷ୍ଠା ଦିବସ ଓ ବିଶ୍ୱ ରକ୍ତଦାତା ଦିବସ

**ବରଗଡ଼, ୧୪।୬(ସମିସ):** ବରଗଡ଼ ବ୍ଲକ ଖଣ୍ଡହଥା ଗ୍ରାମ ପଞ୍ଚାୟତର ଆନ୍ଧ୍ର କ୍ୟାମ୍ପଠାରେ ଗଢ଼ିଉଠିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନିଷ୍ଠା' ପରିବାରର ୧୭ତମ ପ୍ରତିଷ୍ଠା ଦିବସ ଏବଂ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଡ଼. ସୁଜିତ ପୃଷେଠ ଏବଂ ସମ୍ମାନିତ ଅତିଥି ଭାବରେ ଡାକ୍ତର ଶ୍ରୀନିବାସ ଦେବତା, ସମାଜସେବୀ ଗୌରହରି ମିଶ୍ର ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୩୧ ୟୁନିଟ୍ ଏବଂ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ୩୧ ୟୁନିଟ୍ ମୋଟ ୬୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଅଶ୍ୱିନୀ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଡାକ୍ତର ଶ୍ରୀନିବାସ ଦେବତା ଏବଂ ମୁଖ୍ୟବକ୍ତା ଭାବେ ଆଇଆଇଏମ୍ ସମ୍ବଲପୁରର ପ୍ରଫେସର ଡ଼. ସୁଜିତ ପୃଷେଠ ଯୋଗଦେଇ ସମାଜସେବା, ରକ୍ତଦାନ ଏବଂ ଯୁବଶକ୍ତିର ଭୂମିକା ସମ୍ପର୍କରେ ନିଜର ମତ ରଖିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ "ନିଷ୍ଠା ସେବା ସମ୍ମାନ" ପ୍ରଦାନ କରାଯାଇଥିଲା। କଟକର ଅଭିମନ୍ୟୁ ଦାସ, ବରଗଡ଼ର ରତନ ପୂଜାହାରୀ, ବରଗଡ଼ ଫିଜିକାଲ୍ ଏକାଡେମୀର ପ୍ରତିଷ୍ଠାତା ସୁରେଶ ଦାଶଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ ସହ ସିଏମ୍ ଟ୍ରଫି ଚାମ୍ପିଅନ୍ ଟିମ୍ ବରଗଡ଼କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।



**୬୨ ୟୁନିଟ୍ ରକ୍ତ ସଂଗୃହୀତ**

ସଭାରେ ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ ସଭାପତିତ୍ୱ କରିବା ସହ ଅନୁଷ୍ଠାନର ଉଦ୍ଦେଶ୍ୟ ଓ କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ। ମଞ୍ଚ ପରିଚାଳନା ସହ ସମ୍ପାଦକ ମଦନ ମୋହନ ଦାଶ କରିଥିବା ବେଳେ ଉପ ସଭାପତି ସଚି ପଣ୍ଡା ଏବଂ ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ନିଜର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଲୋକନାଥ ସାହୁ ବିବରଣୀ ପାଠ କରିଥିବା ବେଳେ ଧନ୍ୟବାଦ ଅର୍ପଣ ସଚି ପଣ୍ଡା କରିଥିଲେ।

# ଚୋରଙ୍କ ଟାର୍ଗେଟ୍‌ରେ ଗଭୀର ନଳକୂପ

**ବିଜେପୁର, ୧୪।୬(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ଗ୍ରାମରେ ଲଗାତର ଚୋରି ଘଟଣା ଘଟୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗତ କିଛିମାସରେ ଗ୍ରାମର ବିଭିନ୍ନ ସ୍ଥାନରେ ଚୋରି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚୋରଙ୍କ ସନ୍ଧାନ ମିଳିନଥିବାରୁ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଶନିବାର ବିଳମ୍ବିତ ରାତ୍ରିରେ ଗ୍ରାମର ଧରଣୀଧର ପଧାନ, ଉମାକାନ୍ତ ମିଶ୍ର, ସୌକିଲାଲ ସାହୁ ଓ କଲ୍ୟାଣ ମିଶ୍ରଙ୍କ ଚାଷ ଜମିରେ ଲାଗିଥିବା ପ୍ରାୟ ୧୦ଟି ପୋଲର ବିଦ୍ୟୁତ ତାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ପରମେଶ ପଧାନଙ୍କ କ୍ଲଷ୍ଟର ମଧ୍ୟ ଚୋରମାନେ ନେଇଯାଇଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତ ଚାଷୀମାନେ ବିଜେପୁର ଥାନାରେ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ତାଳପଦର ଆର୍‌ଆଇ କାର୍ଯ୍ୟାଳୟରୁ ସାମଗ୍ରୀ ଚୋରି ହୋଇଥିବା ବେଳେ କ୍ଷୀରୋଦ ସାହୁଙ୍କ ବୋରୱେଲ ପମ୍ପ, ଗୋଲାପ ଗଡ଼ତିଆଙ୍କ ବୋରୱେଲ ପମ୍ପ, ଶାନ୍ତି ସାହୁଙ୍କ କ୍ଲଷ୍ଟରକୁ ଯିବାକୁ ଥିବା ୧୧କେଭି ଲାଇନ ତାର ଏବଂ ଗ୍ରାମ କଲ୍ୟାଣ ମଣ୍ଡପରେ ଲାଗିଥିବା ପମ୍ପ ମଧ୍ୟ ଚୋରି ହୋଇଥିଲା। ବାରମ୍ବାର ଚୋରି ହେଉଥିଲେ ମଧ୍ୟ ଚୋରମାନେ ଧରାନପଡ଼ିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ଦୁର୍ବଳ ଥିବାରୁ ଦୁର୍ବୃତ୍ତମାନେ ନିର୍ଭୟରେ ଚୋରି କରୁଛନ୍ତି। ବିଜେପୁର ପୁଲିସ ଚୋରଙ୍କୁ ଧରିବାରେ ବିଫଳ ହୋଇଛି।



# ଦୁର୍ଲଭି ପ୍ରଧାନଙ୍କ ପରଲୋକ

**ଅତାବିରା, ୧୪।୬(ସମିସ):** ଅତାବିରା ଏନ୍‌ଏସି ଲାଦରପାଲିର ସ୍ୱର୍ଗତ ବିପିନ ବିହାରୀ ପ୍ରଧାନଙ୍କ ପତ୍ନୀ ଦୁର୍ଲଭି ପ୍ରଧାନ(୯୬)ଙ୍କ ଶନିବାର ପରଲୋକ ଘଟିଛି। ନିଜ ଜମିରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ବଡ଼ ପୁତ୍ର କୃଷ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ଅନ୍ତିମ ଦର୍ଶନ, ଶବଧାରରେ କୁଲତା ସମାଜ, କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ, ଆଶୀର୍ବାଦ ସେବା ସଂଗଠନ, ଗ୍ରାମବାସୀ, ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ।



# ବିକାଶ ହାୟର ଏଜୁକେସନାଲ୍ କ୍ୟାମ୍ପସରେ 'ଏଡୁକନ୍-୨୦୨୬' ଉଦ୍‌ଯାପିତ

## 'ଇମୋଶନାଲ ଇଣ୍ଟେଲିଜେନ୍ସ ଇନ୍ ଟିଚିଂ-ଲର୍ଣ୍ଣିଙ୍ଗ୍ ପ୍ରୋସେସ୍'







**ବରଗଡ଼, ୧୪।୬(ସମିସ)**

ବିକାଶ ହାୟର୍ ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସରେ ତ୍ରିଦିବସୀୟ ଫାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ୍ 'ଏଡୁକନ୍-୨୦୨୬' ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଲକ୍ଷ୍ମୀ ବିକାଶ ଶିକ୍ଷାନୁଷ୍ଠାନ ସମୂହ ବରଗଡ଼ ଓ ଭବାନୀପାଟଣା କ୍ୟାମ୍ପସ ତଥା ବିଦ୍ୟାବିକାଶ ଶିକ୍ଷାନୁଷ୍ଠାନ ସମୂହ ସମ୍ବଲପୁର କ୍ୟାମ୍ପସରୁ ସର୍ବମୋଟ ୨୦୦ ଜଣ ଅଧ୍ୟାପକ-ଅଧ୍ୟାପିକା ଯୋଗ ଦେଇଥିଲେ।

'ଇମୋଶନାଲ ଇଣ୍ଟେଲିଜେନ୍ସ ଇନ୍ ଟିଚିଂ-ଲର୍ଣ୍ଣିଙ୍ଗ୍ ପ୍ରୋସେସ୍' ଥିମ୍ ଉପରେ ପର୍ଯ୍ୟବେଶିତ ଏହି ଫ୍ୟାକଲଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଜୁନ୍ ୧୨ ରୁ ୧୪ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ଏବଂ ବିଦ୍ୟା ବିକାଶ ଗ୍ରୁପର ଚେୟାରମ୍ୟାନ୍ ଜି. ଭାସ୍କର ରାଓଙ୍କ ଉପସ୍ଥିତିରେ ପ୍ରାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡାଇରେକ୍ଟର ଡି. ଶ୍ୟାମ୍, ଡି. ରାମ୍, ଡି. ଶ୍ୟାମଳା ଏବଂ ଡି. ପଦ୍ମିନୀ ସମେତ ସଂଶ୍ଳିଷ୍ଟ ସମସ୍ତ ଅନୁଷ୍ଠାନର ବରିଷ୍ଠ ଅଧିକାରୀ, ଅଧ୍ୟକ୍ଷ, ଅଧ୍ୟକ୍ଷା, ଡିନ୍ ଏବଂ ଉପାଧ୍ୟକ୍ଷ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ସିଏଓ ଙ୍ଗ ଅଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

ପ୍ରଥମ ଦିବସରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଜେସିଆଇ ପ୍ରଶିକ୍ଷକ ନିର୍ମଳ ପାରେଖ ସାମ୍ପ୍ରତିକ ସମାଜରେ ଯୁବପିଢ଼ିକୁ ଗଢ଼ି ତୋଳିବା ପାଇଁ ପ୍ରସ୍ତୁତ ଥିବା ଅଧ୍ୟାପକ-ଅଧ୍ୟାପିକା କିପରି ଭାବେ ନିଜର ଚିନ୍ତାଧାରା ରଖିବା ଉଚିତ୍ ଏବଂ ଅଧୁନାତନ ଶିକ୍ଷା ପଦ୍ଧତି ସହିତ କିପରି ମାନସିକସ୍ତରରେ ନିଜକୁ ଏକ ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ସାଧନ ଦିଗରେ ତଥା ନିଜ ଜୀବିକାର ଗୁରୁଦାୟିତ୍ୱ ପ୍ରତି ନ୍ୟାୟ କରିବେ ତାଲିମ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟି ଡିନ୍ ଆର୍.ଏସ୍.ଭି. କ୍ରିଷ୍ଣାଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା।

ଦ୍ୱିତୀୟ ଦିବସରେ ସମ୍ବଲପୁର ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୁରଲୀଧର ମାଝୀ 'ନାକ୍' ଆକ୍ରେଡିଟେସନ୍ ପାଇଁ ଅଧ୍ୟାପକ-ଅଧ୍ୟାପିକାଙ୍କ ଦାୟିତ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡ. କ୍ଷୀରୋଦ ପ୍ରଧାନଙ୍କ ଦ୍ୱାରା ସଂଯୋଜିତ ପରବର୍ତ୍ତି କାର୍ଯ୍ୟକ୍ରମରେ ବକ୍ତା ଭାବେ ଆଇ.ଆଇ.ଏମ୍ ସମ୍ବଲପୁରର ଅଧ୍ୟାପକ ଡ. ସୁଜିତ ପୃଷେଠ୍ ଅଧ୍ୟାପକ-ଅଧ୍ୟାପିକାଙ୍କ ଦାୟିତ୍ୱ ବିଷୟରେ କହିଥିଲେ।

ଉକ୍ତ ମଞ୍ଚରେ ବିକାଶ ହାୟର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନର ବିଶେଷ କୃତିତ୍ୱ ଅର୍ଜନ କରିଥିବା ୟୁନିଭର୍ସିଟି ଟପ୍ପର, ର୍ୟାଙ୍କର ତଥା ଆଇ.ଆଇ.ଟି-ଜାମ୍ ଭଳି ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ରଙ୍କ ପରିଚାଳନାରେ 'ୟୋର-କନ୍‌ଫିଡ୍ୟୁଟ୍' ଏନ୍‌ଜିଓର ସହ ପ୍ରତିଷ୍ଠାତା ଏବଂ ମାନସିକ ବିଜ୍ଞାନ ବିଶେଷଜ୍ଞା ସମର୍ପିତା ନାୟକ ଶିକ୍ଷକ-ଶିକ୍ଷୟିତ୍ରୀ କିପରି ନିଜର ମାନସିକ ସ୍ୱାସ୍ଥ୍ୟକୁ ସକାରାତ୍ମକ ଚିନ୍ତନ ଦ୍ୱାରା ସୁସ୍ଥ ରଖିପାରିବେ ଓ ଛାତ୍ରଛାତ୍ରୀଙ୍କ ମାନସିକତା ଅଧ୍ୟୟନ କରି ମାର୍ଗ ଦର୍ଶନ କରିବେ କହିଥିଲେ। ଅଧ୍ୟକ୍ଷ ଏସ୍. ଗୋପିନାଥଙ୍କ ସଞ୍ଚାଳନାରେ 'ପାଥ୍-ଆଇଏଏସ୍' ପ୍ରତିଷ୍ଠାତା ଡ. ଯୋଗିତା ହୁଡା ଯୁକ୍ତ ୩ ତଥା ସ୍ନାତକୋତ୍ତର ଛାତ୍ରଛାତ୍ରୀ କିଭଳି ହୁପିଏସ୍‌ସି ପାଇଁ ପ୍ରସ୍ତୁତି କରିବେ କହିଥିଲେ।

ତୃତୀୟ ଦିବସରେରେ ଅଧ୍ୟକ୍ଷ ଡ. ସୁଦୀପ୍ତ କୁମାର ଜେନା ଯୋଜନାରେ ଆଇଆଇଏମ୍ ସମ୍ବଲପୁରର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିଶେଷଜ୍ଞ କିଭଳି ଅଧ୍ୟାପକ-ଅଧ୍ୟାପିକା ଶ୍ରେଣୀଗୃହରେ ଏଆଇ ସାହାଯ୍ୟରେ ଏକ ଆଧୁନିକ ଶିକ୍ଷକ ଭାବେ ସ୍ୱୀକୃତ ହେବେ ସୂଚନା ଦେଇଥିଲେ। କର୍ତ୍ତୃପକ୍ଷଙ୍କ ତରଫରୁ ଡି. ପଦ୍ମିନୀ ତାଙ୍କ ଅଭିଭାଷଣରେ ଏଫ୍.ଡି.ପିର ସଫଳତା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଗଙ୍ଗାଧର ବେହେରାଙ୍କ ଶ୍ରାଦ୍ଧବାର୍ଷିକୀରେ ଆଲୋଚନାଚକ୍ର

**ଅତାବିରା, ୧୪।୬(ସମିସ):** ଅତାବିରା ବ୍ଲକ ଜହ୍ନାପଡ଼ା ପଞ୍ଚାୟତ ଦେବାହାଲର ଅଗ୍ରଣୀ ଚାଷୀ, କୃଷକ ଆନ୍ଦୋଳନର ସଂଗଠକ ଗଙ୍ଗାଧର ବେହେରାଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଜୟ କିଷାନ ପାଠାଗାର, ଦେବାହାଲ ପକ୍ଷରୁ 'ଭାରତୀୟ ଅର୍ଥନୀତିର ସାମ୍ପ୍ରତିକ ସଙ୍କଟ: ଗ୍ରାମାଞ୍ଚଳ ଓ କୃଷି କ୍ଷେତ୍ରରେ ପ୍ରଭାବ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ପାଠାଗାରର ସଭାପତି କାଶୀଶ୍ୱର ବେହେରା ସଭାପତିତ୍ୱ କରିଥିବା ବେଳେ ରାକେଶ ସାହୁ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ମୁଖ୍ୟ ଆଲୋଚକ ଭାବେ ଭବାନୀପାଟଣା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଡ. ଚିତ୍ରସେନ ଭୁଏ ନିଜ ବକ୍ତବ୍ୟରେ କହିଥିଲେ ଯେ, ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ବୋଲି ଯେଉଁ ପ୍ରଚାର କରାଯାଉଛି, ତାହା ବାସ୍ତବ ସ୍ଥିତିକୁ ପ୍ରତିଫଳିତ କରୁନାହିଁ। ଗଣମାଧ୍ୟମରେ ଅନେକ ସମୟରେ ଭ୍ରମାତ୍ମକ ତଥ୍ୟ ଉପସ୍ଥାପନ ଯୋଗୁଁ ସାଧାରଣ ଲୋକ ପ୍ରକୃତ ଆର୍ଥିକ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରୁନାହାନ୍ତି। ଟଙ୍କାର ମୂଲ୍ୟହ୍ରାସ ଦେଶର ଅର୍ଥନୀତିକୁ ଗୁରୁତର ସଙ୍କଟ ମଧ୍ୟକୁ ଠେଲି ଦେଇପାରେ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ଭାରତର ବର୍ତ୍ତମାନ ଆର୍ଥିକ ସଙ୍କଟର ମୁଖ୍ୟ କାରଣ ବୋଲି ଦର୍ଶାଯାଉଥିଲେ ମଧ୍ୟ, ବାସ୍ତବରେ ଏହି ସଙ୍କଟ ବହୁ ପୁରୁଣା ଏବଂ ଗତ ୧୦ରୁ ୧୨ ବର୍ଷ ଧରି ବିଭିନ୍ନ ନୀତିଗତ କାରଣରୁ ଏହା ଗମ୍ଭୀର ରୂପ ନେଇଛି। ଶେଷରେ ଜୟ କିଷାନ ପାଠାଗାର ସଦସ୍ୟ ସରୋଜ କରାଳୀ ଧନ୍ୟବାଦ ଅର୍ପଣ କରିଥିଲେ।



# ସମଲେଇପଦରଠାରେ ଅନୁଭୂତିମୂଳକ ଶିକ୍ଷା କାର୍ଯ୍ୟକ୍ରମ

**ବିଜେପୁର, ୧୪।୬(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ସମଲେଇପଦର ଠାରେ ଥିବା ପାର୍ବତୀ ଗିରି ବୃଦ୍ଧାଶ୍ରମ ପରିସରରେ ମାଇ ଭାରତ କେନ୍ଦ୍ର ବରଗଡ଼ ପକ୍ଷରୁ 'ଅନୁଭୂତିମୂଳକ ଶିକ୍ଷା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ବୃଦ୍ଧାଶ୍ରମର ସମ୍ପାଦକ ଜଳନ୍ଧର ପଟେଲ, ଜିଲ୍ଲା ଯୁବ ଅଧିକାରୀ କମଳ ସା, ବିଜେପୁର ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ଗଡ଼ତିଆ, ଅବସରପ୍ରାପ୍ତ ସୈନିକ ସରୋଜ ସାହୁ, ସମାଜସେବୀ ସୁଦାମ ସାହୁ ପ୍ରମୁଖ ଅତିଥି ବୃନ୍ଦ ଯୋଗଦେଇ ଯୁବକମାନଙ୍କୁ ସମାଜସେବା ଓ ମାନବିକ ମୂଲ୍ୟବୋଧ ସମ୍ପର୍କରେ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ। ମାଇ ଭାରତ କେନ୍ଦ୍ରର ସ୍ୱେଚ୍ଛାସେବୀମାନେ ବୃଦ୍ଧାଶ୍ରମର ବୃଦ୍ଧବୃଦ୍ଧାମାନଙ୍କୁ ସମ୍ମାନ ପ୍ରଦର୍ଶନ ସହିତ ସମୟ ଅତିବାହିତ କରିଥିଲେ। ପରିଶେଷରେ ଏହି କାର୍ଯ୍ୟକ୍ରମରେ ମାଇ ଭାରତର ଆବାହକ ଅନିଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



